## ସଂକ୍ଷେପରେ

### ମହିଳାଙ୍କ ଗଳିତ ମୃତଦେହ ଜବତ, ହତ୍ୟା ସନ୍ଦେହ

ଦିଗପହଣ୍ଡି,୨୩।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କୁଶପଡା-ପତାଣ୍ଡ ଗ୍ରାମ ରାସ୍ତାରେ ଥିବା ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ପଛପଟ ଏକ କୋଠରୀରୁ ଗୁରୁବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି । ମୃତଦେହ ପଚି ଯାଇଥିବାରୁ ମହିଳାଙ୍କୁ ଚିହ୍ନିବା ସମ୍ଭବ ହୋଇନାହିଁ। ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଦିଗପହଣ୍ଡି ଥାନା ଆଇଆଇସି ବାବା ଶଙ୍କର ସରାଫ, ଦିଗପହଣ୍ଡି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ଅନିତା ସାହୁ, ସାଇଣ୍ଟିଫିକ ଟିମ୍ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ଇଟା ଫ୍ୟାକ୍ଟ୍ରିଟି କିଛିଦିନ ହେଲା ବନ୍ଦ ରହିଛି। ଗୁରୁବାର ସକାଳେ ଫ୍ୟାକ୍ଟ୍ରିର ଜଣେ କର୍ମଚାରୀ ପାଣି ମୋଟର ଲଗାଇବା ପାଇଁ ଉକ୍ତ କୋଠରୀ ନିକଟକୁ ଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ପରେ କର୍ମଚାରୀ ଜଣଙ୍କ ଉକ୍ତ ଘରେ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି।

### ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ

ବେଲଗୁଣ୍ଠା,୨୩।୫(କୃଷ୍ଣଚନ୍ଦ୍ର ପଟ୍ଟନାୟକ):

ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲ୍ଲୀ ଗ୍ରାମର ଦଣ୍ଡନାଚ ନିର୍ଦ୍ଦେଶକ ତଥା କେଶରାପଲ୍ଲୀ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଘନଶ୍ୟାମ ବିଷୋୟୀଙ୍କ ଗୁରୁବାର ଅପରାହ୍ଣରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୭ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ ଅଭିମନ୍ୟୁ, ସୀମାଞ୍ଚଳ, ଅନ୍ତର୍ଯ୍ୟାମୀ, ବୋହୂ, ନାତିନାତୁଣୀଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତ ଘନଶ୍ୟାମ ଜଣେ ଉଚ୍ଚକୋଟୀର କଳାକାର ଏବଂ ଦକ୍ଷ ଦଣ୍ଡନାଚ ନିର୍ଦ୍ଦେଶକ ଭାବରେ ଗଞ୍ଜାମ ଜିଲାରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ସ୍ୱାଇଁ, ଭଞ୍ଜକିଶୋର ଗୌଡ, ବଂଶୀଧର ଗୌଡ଼, ବାଳକୃଷ୍ଣ ସାବତ, ଲଡୁ କିଶୋର ବିଷୋୟୀ, ଗୋପୀନାଥ ସ୍ୱାଇଁ, କାର୍ତ୍ତିକେଶ୍ୱର ସାହୁ, ଯୁଗଳ ପ୍ରଧାନ, ଗୋବିନ୍ଦ ଗୌଡ଼ ଅନ୍ତିମ ଶୋଭାଯାତ୍ରାରେ ଯୋଗଦେଇଥିଲେ।

### ଲକ୍ଷ୍ମୀ ନୃସିଂହଙ୍କ ଚନ୍ଦନ ଯାତ୍ରା

ଫୁଲବାଣୀ, ୨୩।୫(ରାକେଶ କୁମାର ରାଉତ)

ଜିରିଙ୍ଗିପଡ଼ାସ୍ଥିତ ନୃସିଂହନାଥ ଠାକୁରଙ୍କ ଜନ୍ମ ଚତୁର୍ଦ୍ଦଶୀ ପାଳନ ସହ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଲକ୍ଷ୍ମୀ ନୃସିଂହ ମନ୍ଦିର ଯାତ୍ରା ପଡ଼ିଆରେ ଏହି ଯାତ୍ରା ଆସନ୍ତା ୭ ତାରିଖ ଯାଏ ଚାଲିବ। ଗ୍ରାମର ସମସ୍ତ ମା'ମାନେ ନାରାୟଣୀ ମନ୍ଦିର ନିକଟରୁ କଳସରେ ପାଣି ଆଣି ଫୁଲବାଣୀ ସହର ପରିକ୍ରମା କରି ନୃସିଂହ ମନ୍ଦିରଠାରେ ପହଞ୍ଚିଥିଲେ। ମନ୍ଦିର ପୂଜକ ଚିନ୍ତାମଣି ସାହାଣୀ, ପ୍ରକାଶ କହଁର, ଅଶ୍ୱିନୀ ନାୟକ, ମନୋଜ ନାୟକ, ମିଶ୍ର ନାୟକ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଛନ୍ତି। ମା' ନାରାୟଣୀ, ବ୍ରାହ୍ମଣୀ ଦେବୀ, ବରାଳଦେବୀ, ବ୍ୟାଘ୍ର ଦେବୀ, ଗ୍ରାମ ଦେବୀ, ପଞ୍ଚ ଦେବୀ ଠାକୁରାଣୀ ମନ୍ଦିରକୁ ଲକ୍ଷ୍ମୀ ନୃସିଂହ ବିଜେ କରି ଭୋଗ ଖାଇଥିଲେ। ଗ୍ରାମ କମିଟି ସଭାପତି ସୁଜିତ ବେହେରା, ଯାତ୍ରା ପରିଚାଳନା କମିଟି ସଭାପତି ପାର୍ଥ ସାରଥୀ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି କରମ ବେହେରା, ଉପ ସଭାପତି ପାଞ୍ଚାଲି ବେହେରା, ସାଧାରଣ ସମ୍ପାଦକ ଦାରୁଣ କୁମାର ବେହେରା, ସମ୍ପାଦକ ବୈଦ୍ୟନାଥ ନାୟକ, ସାଂସ୍କୃତିକ ସମ୍ପାଦକ ବାବୁଲା ବେହେରା ପ୍ରମୁଖ ନେତୃତ୍ୱ ନେଉଛନ୍ତି।

# ୪୦ ବର୍ଷ ହେଲା ଘରପଟ୍ଟା ପାଇନାହାନ୍ତି ରିଲିଫ କଲୋନିବାସୀ

ପାରଳାଖେମୁଣ୍ଡି, ୨୩।୫ (ଗିରିଧାରୀ ପରିଛା):

ଗଜପତି ଜିଲା କାଶୀନଗର ବିଜ୍ଞାପିତ ଅଞ୍ଚଳରେ ବୋହିଯାଉଥିବା ବଂଶଧାରା ନଦୀ କାଶୀନଗରର ଜୀବନରେଖା କହିଲେ ଚଳେ। ଗୋଟିଏ ପକ୍ଷରେ ଅଞ୍ଚଳବାସୀଙ୍କ ପାଇଁ ଜଳଯୋଗାଣର ଏହା ପ୍ରମୁଖ ଉତ୍ସ ହୋଇଥିବା ବେଳେ ଅନ୍ୟପକ୍ଷରେ ଏଥିରେ ସୃଷ୍ଟି ହେଉଥିବା ବନ୍ୟା ଦୁର୍ଗତିର କାରଣ ହୋଇଥାଏ। ୧୯୮୦ରେ ଏହି ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ବହୁ କ୍ଷୟକ୍ଷତି ଘଟିଥିଲା। ବହୁ ଲୋକ ଅକାଳରେ ଜୀବନ ହରାଇଥିଲେ। ସ୍ଥାବର ଅସ୍ଥାବର ସମ୍ପତ୍ତି ହରାଇ ବହୁ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିଥିଲା। ତତ୍କାଳୀନ ଓଡିଶା ସରକାର ସ୍ଥାନୀୟ ମନ୍ଦିର ଜମି କିଣି ସେଠାରେ ବାସଚ୍ୟୁତ ଲୋକଙ୍କ ଥଇଥାନ ନିମନ୍ତେ ଗୃହ ନିର୍ମାଣ କରିବାକୁ ଟାଟା ଓ ଲୁଥ୍ରେନ କମ୍ପାନୀକୁ ଦାୟିତ୍ୱ ଦେଇଥିଲେ। ୧୯୮୨-୮୩ ବେଳକୁ ନିର୍ମାଣ କାର୍ଯ୍ୟ ସରିଥିଲା ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ



ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହେବା ପରେ ରିଲିଫ କଲୋନୀ ନାମରେ ପରିଚିତ ହୋଇଥିଲା ଏହି କଲୋନୀ। ଏହି ଭିତରେ ଦୀର୍ଘ ୪୦ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଘର ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି କଲୋନୀବାସୀ। ଏ ନେଇ ରାଜନେତା ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି କଲୋନୀବାସୀ। ୧୯୮୩ ମସିହାରେ ଯେଉଁମାନଙ୍କୁ ଘର ମିଳିଥିଲା ସେମାନଙ୍କ ଭିତରୁ ଅନେକଙ୍କ ମୃତ୍ୟୁ ମଧ୍ୟ ଘଟିସାରିଲାଣି ଓ ଅନେକଙ୍କ ଘର ବି ଏକାଧିକବାର ବିକ୍ରି ହୋଇ ସାରିଲାଣି। କିନ୍ତୁ ବାରମ୍ବାର ଆବେଦନ ନିବେଦନ ପରେ ବି ଉକ୍ତ କଲୋନୀବାସୀଙ୍କୁ ଏଯାଏଁ ଘର ପଟ୍ଟା ମିଳିନାହିଁ। ଫଳରେ ସେମାନେ ଆୟ, ଆବାସ ପ୍ରମାଣପତ୍ର, ବ୍ୟାଙ୍କ ଋଣ ପ୍ରଭୃତି ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ପିଲାମାନେ ସେମାନଙ୍କର ପାଠ ପଢିବା କ୍ଷେତ୍ରରେ ବି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କିଛି ବର୍ଷ ପୂର୍ବେ ମନୋରଞ୍ଜନ ସାହୁ ତହସିଲଦାର ଥିବା ବେଳେ ଅଞ୍ଚଳବାସୀ ପଟ୍ଟା ଦାବି କରି ବଡଧରଣର ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ। ନାଗରିକ ଅଧିକାର ଓ ମାନବାଧିକାରର ପ୍ରବକ୍ତା ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ସଂଘଟିତ ଏହି ଆନ୍ଦୋଳନ ବେଳେ ପଟ୍ଟାରୁ ବଞ୍ଚିତ ରିଲିଫ କଲୋନୀବାସୀ, ସଚେତନ ନାଗରିକ ଓ ବୁଦ୍ଧିଜୀବୀ ତହସିଲ ଅଫିସ ଘେରାଉ କରିବା ସହ ଧାରଣା ଦେଇଥିଲେ। ଉପଲବ୍ଧ ଘର ବଣ୍ଟନକାଳୀନ କିଛି କାଗଜପତ୍ର ଆଧାରରେ ତହସିଲଦାର ବି ଉଦ୍ୟମ ଆରମ୍ଭ କରିଥିଲେ ପଟ୍ଟା ଯେପରି କଲୋନୀବାସୀ ପାଇପାରିବେ। କିନ୍ତୁ ଅଳ୍ପ ଦିନ ପରେ ତାଙ୍କର ବଦଳି ହୋଇଯାଇଥିଲା। ତାଙ୍କ ପରେ ଶାନ୍ତି ସ୍ୱରୂପ ମିଶ୍ର ତହସିଲଦାର ଥିବା ବେଳେ ମଧ୍ୟ କିଛି ଉଦ୍ୟମ କରିଥିଲେ। କିନ୍ତୁ କିଛି ସୁଫଳ ମିଳିପାରିନଥିଲା। ଏ ନେଇ ବର୍ତ୍ତମାନର ତହସିଲଦାର ଅଶୋକ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ କିଛିଦିନ ପୂର୍ବରୁ ଆହୂତ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଏନଏସି ଅଧକ୍ଷା ଏମ.ସୁଧାରାଣୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନା କରାଯାଇଥିଲା ଏବଂ ଏ ନେଇ ସେ ଜିଲା ପ୍ରଶାସନ ସହ ଆଲୋଚନା କରିଛନ୍ତି। ଖୁବଶୀଘ୍ର କଲୋନୀବାସୀଙ୍କୁ ପଟ୍ଟା ପ୍ରଦାନ କରାଯିବା ପାଇଁ ସେ ଚେଷ୍ଟା କରାଯାଉଛି।

## ଷ୍ଟ୍ରଙ୍ଗ୍‌ରୁମ୍ ସୁରକ୍ଷା ଯାଞ୍ଚ କଲେ ଜିଲାପାଳ

ଭଞ୍ଜନଗର,୨୩।୫(ବାବୁଲା ପ୍ରଧାନ):

ଭଞ୍ଜନଗର, ଆସିକା ଏବଂ ସୋରଡ଼ା ନିର୍ବାଚନମଣ୍ଡଳୀରେ ଗତ ୨୦ ତାରିଖ ଦିନ ନିର୍ବାଚନ ହୋଇଥିଲା। ମତଦାନ ପରଠୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମଗୁଡ଼ିକ ରହିଛି। କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ୨୪ ଘଣ୍ଟିଆ ଷ୍ଟ୍ରଙ୍ଗରୁମ୍ ସମ୍ମୁଖରେ ଜଗିରହିଛନ୍ତି। ଏଥିସହ ଷ୍ଟ୍ରଙ୍ଗରୁମରେ ସିସିଟିଭି କ୍ୟାମେରା ଲାଗିଛି। ଏହିଭଳି ପରିସ୍ଥିତିରେ ଗୁରୁବାର ମଧ୍ୟାହ୍ନରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଭଞ୍ଜନଗର କଲେଜ ପରିଦର୍ଶନରେ ଆସି ସୁରକ୍ଷା ବ୍ୟବସ୍ଥା ଏବଂ ଭୋଟ ଗଣତି କିଭଳି ହେବ ପ୍ରମୁଖ ବିଷୟ ଉପରେ ସମୀକ୍ଷା କରିଛନ୍ତି। ଏହି ସମୟରେ ଉପଜିଲାପାଳ ଅନିଲ କୁମାର ସେଠୀ, ସ୍ୱତନ୍ତ୍ର କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଡ଼ ଅପରେସନ ପାଇଁ ଗଞ୍ଜେଇ ଚୋରାଚାଲାଣ କଲେ ଦିବ୍ୟାଙ୍ଗ

ମୋହନା,୨୩।୫(ମନ୍ମଥ ମିଶ୍ର):

ନିଜ ଗୋଡ଼ର ଅପରେସନ ପାଇଁ ଟଙ୍କା ଆବଶ୍ୟକ ଥିଲା। ତେଣୁ ସହଜରେ କିପରି ଟଙ୍କା ରୋଜଗାର କରାଯିବ ସେଥିପାଇଁ ଗଞ୍ଜେଇ ଚୋରା ଚାଲାଣକୁ ଆପଣେଇଥିଲେ ଦିବ୍ୟାଙ୍ଗ। ହେଲେ ତାଙ୍କର ଏହି ଚୋରା ଚାଲାଣ ଯୋଜନା ଫେଲ୍ ମାରିଲା। ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଦିବ୍ୟାଙ୍ଗଙ୍କୁ ମାଡ଼ି ବସିଛି ପୋଲିସ୍। ଏହି ଘଟଣାଟି ଗଜପତି ଜିଲା ଅଡ଼ବା ଥାନା ଅଞ୍ଚଳରେ ଘଟିଛି। ଗିରଫ ବ୍ୟକ୍ତିଜଣକ ତାମିଲନାଡୁର ନାଲ୍ଲାକୋଈ ଏସଆର ମହାଦୀପନନ୍ଦ ବୋଲି ଜଣାଯାଇଛି। କିଛି ମାସ ପୂର୍ବେ ଟ୍ରେନ୍ ଦୁର୍ଘଟଣାରେ ମହାଦୀପନନ୍ଦଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ତାଙ୍କର ଗୋଟିଏ ଗୋଡ଼ ଅକର୍ମଣ୍ୟ ହୋଇଯାଇଥିବା ବେଳେ ଅପରେସନ ପାଇଁ ଟଙ୍କା ନ ଥିଲା। ଫଳରେ



ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ

ସହଜରେ ଟଙ୍କା ରୋଜଗାର କରିବା ପାଇଁ ସେ ଗଞ୍ଜେଇ ଚୋରା ଚାଲାଣକୁ ଆପଣେଇଥିଲେ। ଗଞ୍ଜେଇ କିଣିବା ପାଇଁ ତାମିଲନାଡୁରୁ ଅଡ଼ବା ଥାନା ଅନ୍ତର୍ଗତ ରାଇପଙ୍କା ଅଞ୍ଚଳକୁ ଆସିଥିଲେ। ସେଠାରୁ ପ୍ରାୟ ୮ କିଲୋ ୮୦୦ ଗ୍ରାମ ଗଞ୍ଜେଇ କିଣି ୪ ପ୍ୟାକେଟରେ ଧରି ତାମିଲନାଡୁ ବାହାରିଥିଲେ। ହେଲେ ଡୁମିଗୁଡ଼ା ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ସେଠାରୁ ସେ ବ୍ରହ୍ମପୁର ଓ ପରେ ଟ୍ରେନରେ ତାମିଲନାଡୁ ଯିବାକୁ ଟିକେଟ କରିଥିଲେ। ଏହି ସମୟରେ ଖବର ପାଇ ପୋଲିସ୍ ପହଞ୍ଚି ତାଙ୍କୁ ଡୁମିଗୁଡ଼ା ଛକରୁ ଗିରଫ କରିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୪୫ ହଜାର ଟଙ୍କା ହେବ ବୋଲି ଜଣାଯାଇଛି। ଏହି ଚାଲାଣରେ ଆଉ କିଏ ସଂପୃକ୍ତ ଅଛନ୍ତି ତାହାର ତଦନ୍ତ କରୁଥିବା ଅଡବା ଥାନାଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା କହିଛନ୍ତି।

## ସିସିଡି ଅନୁଷ୍ଠାନ ପକ୍ଷରୁ ବାଲ୍ ହେଲ୍‌ଥ ମେଳା

ପାରଳାଖେମୁଣ୍ଡି, ୨୩।୫ (ଗିରିଧାରୀ ପରିଛା):

ଗଜପତି ଜିଲା ରାୟଗଡ଼ ବ୍ଲକ ଅଧୀନ ଲାଇଲାଇ ଗ୍ରାମରେ ଦେଶାଇ ଫୋଣ୍ଡସନ ସହାୟତାରେ ସିସିଡି ଅନୁଷ୍ଠାନ ପକ୍ଷରୁ ଶିଶୁମାନଙ୍କୁ ନେଇ ଏକ 'ବାଲ ହେଲଥ ମେଳା' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ସୁନାମଣି ଦଳବେହେରା କାର୍ଯ୍ୟକ୍ରମରେ ଦ୍ୱୀପ ପ୍ରଜଳନ କରି ଶୁଭାରମ୍ଭ କରିଥିବା ବେଳେ ଦେଶାଇ ଫାଉଣ୍ଡେସନର ସାମାଜିକ କ୍ଲଷ୍ଟର ପର୍ଯ୍ୟବେକ୍ଷକ ଅନୁକ କାର୍ଜୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ ବିଷୟରେ ବୁଝାଇଥିଲେ। ଗ୍ରାମରେ ଥିବା ୫ ବର୍ଷରୁ ୧୬ ବର୍ଷର ଶିଶୁମାନେ ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ କିପରି ଜାଗ୍ରତ ନେବେ, ମାସିକ ଋତୁସ୍ରାବ ସମୟରେ କିପରି ନିଜକୁ ପରିଷ୍କାର ଓ ସଫା ରଖିବେ, ପୁଷ୍ଟିହୀନତା ଓ ରକ୍ତହୀନତା, ବାଲ୍ୟ ବିବାହର କୁପରିଣାମ, ପରିବେଶ ସନ୍ତୁଳନ, ସ୍ୱାସ୍ଥ୍ୟ ପରିଷ୍କାର ଓ ପରିଚ୍ଛନ୍ନତା ଶିକ୍ଷା ସହ ଶିଶୁମାନେ ବୁଲି ବୁଲି ବିଭିନ୍ନ ଷ୍ଟଲ ଦେଖି ବୁଝିଥିଲେ। ସେହିପରି ଶିଶୁ ବିକାଶ ପ୍ରକଳ୍ପ ସହଯୋଗରେ ଷ୍ଟଲ ମାଧ୍ୟମରେ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ପୁଷ୍ଟିକର ପନିପରିବା, ଖାଦ୍ୟ ସହ ଶିଶୁମାନଙ୍କର ଓଜନ ଓ ଉଚ୍ଚତା ମାପ ନିଆଯାଇଥିଲା। ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଉତ୍ସାହ କରିବା ସହ ସେମାନଙ୍କୁ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯକ୍ରମରେ ୧୫୨ ଶିଶୁ ଭାଗ ନେଇଥିଲେ ଓ ସେମାନଙ୍କୁ ଉତ୍ସାହ କରିବା ପାଇଁ ସାନ୍ତ୍ୱନାମୂଳକ ମାନପତ୍ର ସହ ପୁରସ୍କାର ଦିଆଯାଇଥିଲା।

## ମେଧା ପରୀକ୍ଷାରେ ଶିଶୁ ମନ୍ଦିରର ସଫଳତା



କବିସୂର୍ଯ୍ୟନଗର, ୨୪।୫ (କୃପାସିନ୍ଧୁ ସ୍ୱାଇଁ):

ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ୨୦୨୩-୨୪ ଶିକ୍ଷା ବର୍ଷର ପ୍ରାଦେଶିକ ମେଧା ଓ ଭାରତୀକୃଷ୍ଣ ଗଣିତ ମେଧା ପରୀକ୍ଷାରେ କବିସୂର୍ଯ୍ୟନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଅଦ୍ଭୁତ ପୂର୍ବ ସଫଳତା ହାସଲ କରିଛନ୍ତି। ସପ୍ତମ ଶ୍ରେଣୀ ଛାତ୍ରୀ ମୋନାଲିସା ବିଷୋୟୀ ରାଜ୍ୟରେ ୩ୟ ସ୍ଥାନ ଓ ଛାତ୍ର ଅଂଶୁମାନ ମିଶ୍ର ୯ମ ସ୍ଥାନ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ଶ୍ରୀ ଭାରତୀକୃଷ୍ଣ ଗଣିତ ମେଧା ପରୀକ୍ଷାରେ ମୋନାଲିସା ବିଷୋୟୀ ୭ମ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ମିହିର କୁମାର ଶତପଥୀ, ଉପସଭାପତି ବଂଶୀଧର ପ୍ରଧାନ, ଯୁଗ୍ମ ସମ୍ପାଦକ ବୁଲୁ ପୋଲେଇ, ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ, ଷଷ୍ଠରୁ ଅଷ୍ଟମ ବିଭାଗର ଶୈକ୍ଷିକ ପ୍ରମୁଖ ନମିତା ରାଣୀ ପୋଲେଇ ଓ ସମସ୍ତ ଗୁରୁଜୀ ଗୁରୁମା ଶିଶୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ଶକଳେଶ୍ୱର ମହାଦେବଙ୍କ ଚାପ ଖେଳ

ଖଲ୍ଲିକୋଟ,୨୩।୫(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଶାସନ ନିକଟରେ ଥିବା ଐତିହାସିକ ଶୈବ ପୀଠ ଶକଳେଶ୍ୱର ମହାଦେବଙ୍କ ମନ୍ଦିର ବେଢାରେ ଚନ୍ଦନ ଜାତ ପାଳିତ ହେଉଛି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି ପର୍ବ ୨୧ ଦିନ ଯାଏଁ ହେବ। ଠାକୁରଙ୍କ ଚଳନ୍ତି ପ୍ରତିମାଙ୍କୁ ସାଜସଜ୍ଜା କରି ମନ୍ଦିର ବେଢାରେ ଥିବା ପୁଷ୍କରଣୀରେ ନୌକାରେ ଚାପ ଖେଳ ହୋଇଥାଏ। ଦିନରେ ଦୁଇ ଥର ମଧ୍ୟାହ୍ନରେ ଧୂପ ପୂର୍ବରୁ ଚାପ ଖେଳ ହୋଇଥାଏ। ପରେ ନୀତି ଭୋଗ ଏବଂ ଚନ୍ଦନର ପଣା ପୂଜା ହୋଇଥାଏ। ଭୋଗ ପରେ ଠାକୁରଙ୍କୁ ମଣ୍ଡପରେ ଥିବା ଚନ୍ଦନ କୁଣ୍ଡରେ ଜଳ ସାଇଁ କରାଯାଉଛି। ସେହିପରି ଅପରାହ୍ଣରେ ଚନ୍ଦନ



ଠାକୁରଙ୍କ ଚାପ ଖେଳ ।

କୁଣ୍ଡରୁ ବାହାର କରି ଦେବନୀତି ପ୍ରକାରେ ପୂଜାର୍ଚ୍ଚନା ଏବଂ ସାଜସଜ୍ଜା କରି ପୁଣି ଚାପ ଖେଳିଥାନ୍ତି। ଗୁରୁବାର ବୈଶାଖ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁ ଭକ୍ତ ଠାକୁରଙ୍କ ଏହି ପର୍ବ ଦେଖିବା ପାଇଁ ଆସିଥାନ୍ତି। ଖଲ୍ଲିକୋଟ ଅଞ୍ଚଳରେ ଏହି ବୁଦ୍ଧ ପୂର୍ଣ୍ଣିମାରେ କାଳିଆଷଣ୍ଢ ମହାଦେବ ପୀଠରେ ଭାଗବତ ଗୀତା ପାରାୟଣ, ଅନ୍ନଯଜ୍ଞ, ଘୃତଯଜ୍ଞ ଅନୁଷ୍ଠିତ ହୋଇଛି।

## ବିଦ୍ୟୁତ୍ ଆଘାତରେ ଦୁଇ ମହିଳା ଗୁରୁତର

ଆସିକା, ୨୩।୫ (ସୁରେନ୍ଦ୍ର ନାଥ ସାହୁ):

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଗୁରୁବାର ଦିନ ପ୍ରାୟ ୧ଟା ସମୟରେ ବିଦ୍ୟୁତ ଆଘାତରେ ଦୁଇଜଣ ମହିଳା ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ଲକ୍ଷ୍ମୀ ନାୟକ (୪୫) ଓ ବସନ୍ତ ନାୟକ (୬୦)। ଚିକିତ୍ସା ଲାଗି ସେମାନଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କୁହାଯାଇଛି । ମହିଳା ଦୁଇଜଣ ନିଜ ଘରର ଛାତ ଉପରକୁ ଯାଇଥିଲା ବେଳେ ଛାତ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ।

## ଓଡ଼ିଆ ସାହି ଠାକୁରାଣୀ ଯାତ୍ରାରେ ଦୁଲୁକୁଚି ଗାଁ ଦାଣ୍ଡ



ମା' ଗ୍ରାମଦେବତୀଙ୍କ ସାହି ପରିକ୍ରମା।

ପାରଳାଖେମୁଣ୍ଡି, ୨୩।୫ (ଗିରିଧାରୀ ପରିଛା):

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ଓଡ଼ିଆ ସାହିରେ ମା' ଗ୍ରାମଦେବୀଙ୍କ ଠାକୁରାଣୀ ଯାତ୍ରା ଚତୁର୍ଥ ଦିନରେ ପହଞ୍ଚିଛି । ଦୀର୍ଘ ସାତ ବର୍ଷ ପରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାରୁ ରାୟଗଡ଼ ଚଳଚଞ୍ଚଳ ହୋଇଉଠିଛି। ଦିନରେ ଟାଣଖରା ସତ୍ତ୍ୱେ ବେଶଭୂଷା ଏବଂ ସନ୍ଧ୍ୟା ହୋଇଗଲେ ମା'ଙ୍କ ନଗର ପରିକ୍ରମା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଚି ରାୟଗଡ଼ ଗାଁ ଦାଣ୍ଡ। ଦ୍ୱିତୀୟ ଦିନରେ ଭୂତ କେଳି, ତୃତୀୟ ଦିନରେ ଗଞ୍ଜାମ ଜିଲାର ଭକ୍ତ ପ୍ରହ୍ଲାଦ ନାଟକ ମଞ୍ଚସ୍ଥ ହୋଇଥିଲା। ଘଟ ପରିକ୍ରମା ବେଳେ ଭକ୍ତଙ୍କ ପ୍ରବଳ ଜନସମାଗମ ହେଉଛି। ଏନେଇ ରାୟଗଡ଼ ପୂରା ଉତ୍ସବମୁଖର ହୋଇପଡ଼ିଛି।

## ବିସର୍ଜନ ବେଳେ ପାଣିରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଖଜୁରିପଡ଼ା,୨୩।୫(ବିଦୁର ବେହେରା)

ଖଜୁରିପଡ଼ା ଥାନା ଭୁକ୍ତା କନାଲି ଗ୍ରାମରେ ଅଷ୍ଟ ପ୍ରହର ନାମ ଯଜ୍ଞ ସାରି ବିସର୍ଜନ କରୁଥିବା ବେଳେ ଗୁରୁବାର ଅସାବଧାନତା ଯୋଗୁ ପାଣିରେ ବୁଡ଼ିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାରାୟଣ ଦିଗାଲଙ୍କ ପୁଅ ବିମଳ(୯)। ଗ୍ରାମରେ ଧୁମଧାମରେ ଅଷ୍ଟ ପ୍ରହର ନାମ ଯଜ୍ଞ ସରିବା ପରେ ମଧ୍ୟାହ୍ନରେ ଗ୍ରାମବାସୀ ବିସର୍ଜନ କରିବାକୁ ଯାଇଥିଲେ। ସେଠାରେ ବିମଳଙ୍କ ଅସାବଧାନତା ବଶତଃ ଗୋଡ ଖସି ଯିବାରୁ ପାଣିରେ ନାବାଳକ ବୁଡ଼ି ଯାଇଥିଲା। ତାକୁ ଉଦ୍ଧାର କରି ପରିବାର ବର୍ଗ ଫୁଲବାଣୀ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଖଜୁରିପଡ଼ା ଥାନାରେ ନଂ.୧୦/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# କଇଁଛ ସୁରକ୍ଷା ପାଇଁ ସଚେତନତା

ଗଞ୍ଜାମ,୨୩।୫(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମରେ ଅନ୍ତର୍ଜାତୀୟ କଇଁଛ ଦିବସ ପାଳିତ ହୋଇଯାଇଛି। ଏସିଏଫ ଦିବ୍ୟ ଶଙ୍କର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସାମୁଦ୍ରିକ କଇଁଛମାନଙ୍କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଗଞ୍ଜାମ ବ୍ଲକର ଋଷିକୁଲ୍ୟା ମୁହାଣ ଅଞ୍ଚଳକୁ ଅନୁକୂଳ ପରିବେଶ ଯୋଗୁ ଅଲିଭ ରିଡଲେଙ୍କଠାରୁ ଆରମ୍ଭ କରି ଦ୍ୱିତୀୟ ବୃହତ୍ତମ ନୀଳବର୍ଣ୍ଣ କଇଁଛଙ୍କ ସହ ବିଭିନ୍ନ ପ୍ରଜାତିର ସାମୁଦ୍ରିକ କଇଁଛ ଆସିଥାନ୍ତି। ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଅଞ୍ଚଳବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଡ଼ଃ.




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଶଙ୍କର ନାରାୟଣ ବେଜ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଋଷିକୁଲ୍ୟା ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଶିକ୍ଷାବିତ ବାଳକୃଷ୍ଣ ମହାରଣା, ପରିବେଶବିତ ତୁଳସୀ ରାମ ବେହେରା ପ୍ରମୁଖ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ ସାମୁଦ୍ରିକ କଇଁଛଙ୍କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ମତ ପ୍ରକାଶ କରିଥିଲେ। ଫରେଷ୍ଟର ରତ୍ନ କୁମାର ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ବନ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଦେରେଙ୍ଗବାସୀ

ବ୍ରାହ୍ମଣୀଗାଁ,୨୩।୫(ମନୋରଞ୍ଜନ ରଣା)

ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲାର ଅନେକ ଗ୍ରାମ ଅଛି ଯେଉଁଠି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଲୋକମାନେ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ନେଟୱର୍କ ଭଳି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି। ଏହା ଦେଖିବାକୁ ମିଳିଛି ଦାରିଙ୍ଗିବାଡ଼ି ବ୍ଲକର ଦୁର୍ଗମ ଅଞ୍ଚଳ କୁମ୍ଭାରିଗାଁ ପଞ୍ଚାୟତର ୧୧ନଂ ୱାର୍ଡ ଦେରେଙ୍ଗ ଗ୍ରାମରେ। ଏହି ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ୧୨ପରିବାରରେ ପ୍ରାୟ ୬୦ ଲୋକ ବସବାସ କରୁଛନ୍ତି। ଧାନ, ଅଦା, ହଳଦୀ, କାନ୍ଦୁଲ, ବିରି କୋଳଥ ଆଦି ଚାଷ କରି ଜୀବିକା ନିର୍ବାହ କରୁଥିଲେ ମଧ୍ୟ ଅଭିଶପ୍ତ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। କନ୍ଧମାଳ ଓ ଗଜପତି ଜିଲା ସୀମାନ୍ତରେ ବଣ ପାହାଡ଼ ଘେରା । ଏହି ଗ୍ରାମଟି ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୬ କିମି ଦୂରରେ ଅବସ୍ଥିତ। ପ୍ରତି ପାଞ୍ଚ ବର୍ଷରେ ଥରେ



ରାସ୍ତା ନଥିବାରୁ ଗ୍ରାମବାସୀ ମୁଣ୍ଡରେ ବିଭିନ୍ନ ସାମଗ୍ରୀ ବୋହି ଚାଲି ଚାଲି ଯାଉଛନ୍ତି।

ବଣ ପାହାଡ଼ ଅତିକ୍ରାନ୍ତ କରି ଭୋଟ ଦେବାକୁ ଲୋକମାନେ ଭୋଟଦାନ କେନ୍ଦ୍ରକୁ ଯାଆନ୍ତି। ନିର୍ବାଚନୀ ସମୟରେ ଗ୍ରାମର ଉନ୍ନତି କରିବାକୁ ନେତାମାନେ ଅନେକ ପ୍ରତିଶ୍ରୁତି ଦିଅନ୍ତି ହେଲେ ଭୋଟ ସରିଗଲା ପରେ କୌଣସି ନେତାଙ୍କ ଦେଖା ମିଳେ ନାହିଁ। ଏହି ଗ୍ରାମରେ ଶିକ୍ଷା କହିଲେ କେବଳ ମିନି ଅଙ୍ଗନୱାଡି କେନ୍ଦ୍ର ଚାଲିଛି ହେଲେ କୋଠା ନାହିଁ, କର୍ମୀ ଜଣକ ସମୟ ଅନୁଯାୟୀ ପିଲାଙ୍କୁ ଖାଦ୍ୟ ଦେଇ ଯାଉଛନ୍ତି, ୬କିମି ଜଙ୍ଗଲ ରାସ୍ତା ଦେଇ ଯିବା ସମ୍ଭବ ହୋଇପାରନଥିବାରୁ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି ଦେରେଙ୍ଗବାସୀ। ରାସ୍ତାନଥିବାରୁ ଗର୍ଭବତୀ ଓ ରୋଗୀମାନଙ୍କୁ ଦୋଳାରେ ନିଆଯାଉଛି। ନେଟୱର୍କ ସମସ୍ୟା ଥିବାରୁ ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିନପାରି ମୃତ୍ୟୁର ଶିକାର ହେଉଛନ୍ତି ଗ୍ରାମବାସୀ। ରାସ୍ତା ଅଭାବରୁ ନଳକୂପଟିଏ ବି ଖୋଳା ହୋଇପାରି ନାହିଁ, ଗୋଟିଏ ଖୋଲା କୂଅ ଓ ଗୋଟିଏ ଚୂଆଁ ଭରସାରେ ଗ୍ରାମବାସୀ ଜୀବନ ବିତାଉଥିବା ବେଳେ ବିଶୁଦ୍ଧ ପାନୀୟ ଜଳର ଘୋର ଅଭାବ ରହିଛି। ରାସ୍ତା ଅଭାବରୁ ପିଡିଏସ ଚାଉଳ ଆଣିବା ପାଇଁ ଦୁଇଦିନର ସମୟ ଲାଗେ, ସାଇକଲ ଥିଲେ ବି ଘାଟିରେ ସାଇକଲ ବୋହି ନେବାକୁ ପଡ଼ିଥାଏ। ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ସମସ୍ୟାର ସମାଧାନ କରିବାକୁ ଦେରେଙ୍ଗବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଅପହରଣ କରି ବଳାତ୍କାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ମହିଳାଙ୍କୁ ଅପହରଣ କରି ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିବା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଉକ୍ତ ଥାନା ଅଞ୍ଚଳର ସମୀର ସାହୁ। ସେ ପୀଡ଼ିତାଙ୍କ ସମ୍ପର୍କୀୟ ଦିଅର ବୋଲି ପୋଲିସ କହିଛି। ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଧାରା ୧୬୪ ଅନୁସାରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଗୁରୁବାର ଅଭିଯୁକ୍ତ ସମୀରଙ୍କୁ କୋର୍ଟ ଚାଲାଣ କରାଯାଇଛି। ସମୀର ଜଣେ ଖାଦ୍ୟ ଡେଲିଭରି ବୟ ଭାବେ କାମ କରୁଥିଲେ। ନିମଖଣ୍ଡି ଥାନା ଅଞ୍ଚଳରେ ରହୁଥିବା ତାଙ୍କ ବଡବାପାଙ୍କ ଘରକୁ ସେ ଯିବା ଆସିବା କରିବା ବେଳେ ବଡ ଭାଇଙ୍କ ସ୍ତ୍ରୀ'ଙ୍କୁ ପ୍ରତିଶ୍ରୁତି ଦେବା ସହ ପ୍ରଲୋଭିତ କରିଥିଲେ। ଭାଉଜଙ୍କ ୨ଟି ସନ୍ତାନ ଥିବା ବେଳେ ଗତ ଏପ୍ରିଲ ୨୬ ତାରିଖରେ ତାଙ୍କୁ ଅପହରଣ କରିଥିଲେ। ସେପଟେ ସ୍ତ୍ରୀ ନିଖୋଜ ଥିବା ନେଇ ମହିଳାଙ୍କ ସ୍ୱାମୀ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ବୁଧବାର ପୀଡ଼ିତା ଥାନାକୁ ଆସି ସମୀର ତାଙ୍କୁ ଅପହରଣ କରି ବିଭିନ୍ନ ସ୍ଥାନରେ ରଖି ବାରମ୍ବାର ବଳାତ୍କାର କରିଥିଲେ ବୋଲି ବୟାନ ଦେଇଥିଲେ। ବିବାହ କରିବି ବୋଲି ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିଲେ ବୋଲି ଅଭିଯୋଗ କରିଥିଲେ। ପୋଲିସ ନଂ.୧୬୧/୨୪ ରେ ମାମଲା ରୁଜୁ କର ତଦନ୍ତ ଚଳାଇଥିଲା।

### ରାଜନୈତିକ କମେଣ୍ଟମରାକୁ ନେଇ ଗଣ୍ଡଗୋଳ, ୪ ଗିରଫ

ବେଲଗୁଣ୍ଠା,୨୩।୫
(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନା ଅର୍ନ୍ତଗତ ବାଣତୁମ୍ବ ଗ୍ରାମରେ ରାଜନୈତିକ କମେଣ୍ଟ ମରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ବେଲଗୁଣ୍ଠା ପୋଲିସ ଦୁଇଟି ମାମଲା ରୁଜୁ କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରୁ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରଶାନ୍ତ ସେଠୀ, ସୁଶାନ୍ତ ସେଠୀ, ଅଜିତ କୁମାର ସ୍ୱାଇଁ ଓ ବଳରାମ ସ୍ୱାଇଁ। ଗୋଟିଏ ମାମଲା ଭଞ୍ଜନଗର ଏସଡିପିଓ ତଦନ୍ତ କରୁଥିବା ବେଳେ ଅନ୍ୟଟି ବେଲଗୁଣ୍ଠା ସେକେଣ୍ଡ ଅଫିସର ଅଭୟ କୁମାର ପ୍ରଧାନ ତଦନ୍ତ କରୁଥିବା ନେଇ ଥାନାଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି ।

# ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା

## ଜିଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଚେତା ପଶୁନି

ଗୋପାଳପୁର,୨୩।୫
(ନବୀନ ରାଜ ଆଚାରୀ):

ଗଞ୍ଜାମ ଜିଲା ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର ଗିରିସୋଲାଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟନ୍ତ ରାସ୍ତା ଦୁର୍ଘଟଣାପ୍ରବଣ। ଉକ୍ତ ରାସ୍ତାରେ ଥିବା ଛକଗୁଡିକରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଏକାଧିକ ଜୀବନ ଯାଉଥିବା ନଜିର ରହିଛି। ଜିଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ ସୋରଲା ରୋଡ, ଗୋଳନ୍ଥରା ଚଟି, ରଣ୍ଠା, କନିଷି ହାଟ ଜଗନ୍ନାଥପୁର ଛକ ଓ ଅନ୍ୟ ଛକଗୁଡ଼ିକୁ ବ୍ଲାକସ୍ପଟ ଭାବେ ଚିହ୍ନଟ କରାଯାଇଛି। ଦୀର୍ଘଦିନ ହେଲା ରଣ୍ଠା ଛକ, ଗୋଳନ୍ଥରା ଚଟି ଛକ ଓ କନିଷି ହାଟ ଛକରେ ଓଭର ବ୍ରିଜ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରି ଆସୁଛନ୍ତି। ହେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଣ୍ଡର ପାସ କରିବା ପାଇଁ ରୁପ ରେଖ ମଧ୍ୟ ଚୂଡାନ୍ତ କରିଥିଲେ ମଧ୍ୟ ଟେଣ୍ଡର ହୋଇ ପାରୁନାହିଁ। ଏପଟେ ଦୁର୍ଘଟଣା ଘଟୁଥିଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଗୋଳନ୍ଥରା ଚଟି ଛକଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ



ଗୋଳନ୍ଥରା ଚଟି ଦେଇ ଯାଇଥିବା ରାଜପଥ।

ହୋଇଥିବା ବେଳେ ଏଠାରେ ବାଳକ ଓ ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି। ଏଥିସହ ଉକ୍ତ ସ୍ଥାନଟି ବାଣିଜ୍ୟ ପେଣ୍ଠସ୍ଥଳି ରୂପେ ପରିଚିତ ହୋଇଥିବାରୁ ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏହି ଛକ ଉପରେ ନିର୍ଭର କରିଥାନ୍ତି। ଆଖପାଖ ଅଞ୍ଚଳରୁ ପ୍ରତିଦିନ ଶତାଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ସିଦ୍ଧ ଭୈରବୀ ପୀଠ ଓ ସୁନାପୁର ବେଳାଭୂମିକୁ ଥିବା ରାସ୍ତାରେ ଅନେକ ଗାଡି ଯାତାୟାତ କରୁଛି। ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବା ଆସିବା କରିବା ସମୟରେ ମଝିରେ ରହିବା ପାଇଁ ସଂକୀର୍ଣ୍ଣ ରାସ୍ତା ଥିବାରୁ କେତେବେଳେ ଯେ ଅଘଟଣ ନ ଘଟିବ କହି ହେଉନାହିଁ। ଉକ୍ତ ରାସ୍ତା ଦେଇ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଯାତାୟାତ କରୁଥିଲେ ମଧ୍ୟ ଏ ଦିଗରେ ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ। ଦୁର୍ଘଟଣା ଘଟିଲେ ପ୍ରଶାସନ ପହଞ୍ଚି ବିଭିନ୍ନ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପରେ ତାହା ଫଳପ୍ରଦ ହୋଇପାରୁନାହିଁ। ଅନ୍ୟପଟେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଓଭରବ୍ରିଜ ନିର୍ମାଣ କିମ୍ବା ଅଣ୍ଡର ପାସ କାର୍ଯ୍ୟ କରାଯାଉନଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚଟି ଛକ ସମେତ ବିଭିନ୍ନ ଦୁର୍ଘଟଣାସ୍ଥଳରେ କିଭଳି ଦୁର୍ଘଟଣା କମିବ ସେନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ପୋଲିସ ଇନ୍ସପେକ୍ଟରର ମୃତ୍ୟୁ ମାମଲା
# ଜାମିନରେ ମୁକୁଳିଲେ ଆଉ ୧୦ ଆଜୀବନ କଏଦୀ

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ):

ଟାଟା କମ୍ପାନୀ ଜମି ଅଧିଗ୍ରହଣ ବେଳେ ପୋଲିସ ଇନ୍ସପେକ୍ଟରର ମୃତ୍ୟୁ ମାମଲାରେ ବୁଧବାର ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀଙ୍କ ସମେତ ୩ ଜଣ ଅନ୍ତରୀଣ ଜାମିନରେ ମୁକୁଳିଥିଲେ। ଗୁରୁବାର ଆଉ ୧୦ ଜଣ କଏଦୀ ଜେଲରୁ ମୁକୁଳିଛନ୍ତି। ସେମାନେ ହେଲେ ଛତ୍ରପୁର ସିନ୍ଧିଗାଁର ପି. କାମରାଜୁ ରେଡ୍ଡୀ, ପି. ନାଗେଶ୍ୱର ରେଡ୍ଡୀ, ପି. ଡମ୍ବୁରୁ ରେଡ୍ଡୀ, ଏଲ. ଚନ୍ଦ୍ରମଣି ରେଡ୍ଡୀ, ପି. ପୋଟୁଡୁ, ଟୁନା ବେହେରା, ଆର. ଘନ ରେଡ୍ଡୀ, ବଡଆର୍ଯ୍ୟପଲ୍ଲୀର କାଳିଆ ସେଠୀ, ବଡପୁଟିର ଗୁରୁଦେବ ବେହେରା ଓ ବଣଭୁଆପଲ୍ଲୀର ସୁଦାମ ରାଉଳ। ପ୍ରତ୍ୟେକ ଦୁଇଜଣ ଜାମିନଦାର ଓ ୫୦ ହଜାର ଟଙ୍କାର ମୁଚାଲିକାରେ ସର୍ତ୍ତମୂଳକ ଜାମିନରେ ବାହାରିଛନ୍ତି। ଛତ୍ରପୁର ସିନ୍ଧିଗାଁଠାରେ ଟାଟା କମ୍ପାନୀର ଜମି ଅଧିଗ୍ରହଣକୁ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ସମୟରେ ହୋଇଥିବା ବୋମାମାଡରେ ରିଜର୍ଭ ଇନ୍ସପେକ୍ଟର ବିନୟ ମେହେରଙ୍କ ମୃତ୍ୟୁ ଘଟିଥିଲା। ରିଜର୍ଭ ଇନ୍ସପେକ୍ଟର ହତ୍ୟା ମାମଲାର ବିଚାର କରି ବ୍ରହ୍ମପୁରସ୍ଥିତ ଏଡିଜେ-୩ ଅଦାଲତ ୨୦୨୩ ନଭେମ୍ବରରେ ପୂର୍ବତନ ବିଧାୟକ ରେଡ୍ଡୀଙ୍କ ସମେତ ୧୩ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହାପରେ ଦୋଷୀମାନେ ହାଇକୋର୍ଟରେ ଅପିଲ ଆବେଦନ କରିଥିଲେ । ଉକ୍ତ ଆବେଦନଗୁଡ଼ିକର ଶୁଣାଣି କରି ହାଇକୋର୍ଟ ସମସ୍ତ ଦୋଷୀଙ୍କୁ ଗତ ମଙ୍ଗଳବାର ୮ ସପ୍ତାହ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ ।

# ମନ୍ଥର ଗତିରେ ବାରୁଡ଼ା ବାଲିଆପଟା ରାସ୍ତା କାମ



ମନ୍ଥର ଗତିରେ ଚାଲିଥିବା କଲଭର୍ଟ କାମ ।

ଭଞ୍ଜନଗର,୨୩।୫(ବାବୁଲା ପ୍ରଧାନ):

ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବାରୁଡ଼ା ବାଲିଆପଟା ରାସ୍ତା କାମ ଚାଲିଛି। ଉକ୍ତ କାମର ନିର୍ଦ୍ଧାରିତ ସମୟ ଗତ ମାର୍ଚ୍ଚ ମାସରେ ସରିଯାଇଛି। ତଥାପି ଠିକାଦାର କାମ ପୂର୍ଣ୍ଣାଙ୍ଗ କରିନାହାନ୍ତି। ରାସ୍ତାର ଅଧିକାଂଶ ପିଚୁ କାମ ସରିଯାଇଛି। କିନ୍ତୁ ୨ଟି କଲଭର୍ଟ ନିର୍ମାଣ ହୋଇନାହିଁ। କଲଭର୍ଟ କାମ ମନ୍ଥର ଗତିରେ ଚାଲିଛି। ଏଥିସହ କେତକ ସ୍ଥାନରେ ପିଚୁ କାମ ଠିକ୍ ହୋଇନଥିବା ଯୋଗୁ ପିଚୁ ବାହାରି ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କଲଭର୍ଟ କାମ ସାରିବାକୁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଏମ୍‌କେସିଜି ପରିସରରୁ ଔଷଧ ଦୋକାନ ହଟାଯିବା ପ୍ରସଙ୍ଗ: ଜୁଲାଇ ୩ଯାଏ ରହିତାଦେଶ

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ):

ଏମକେସିଜି ମେଡିକାଲ ପରିସରରେ ଥିବା ୩ଟି ଔଷଧ ଦୋକାନକୁ ହଟାଇବା ପାଇଁ କିଛିଦିନ ତଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲେ। ମେଡିକାଲ କର୍ତ୍ତୃପକ୍ଷ ଔଷଧ ଦୋକାନୀଙ୍କୁ ଦୋକାନ ଖାଲି କରିବା ପାଇଁ ୧୫ଦିନିଆ ନୋଟିସ ଜାରି କରିଥିଲେ। ଏହି ନିର୍ଦ୍ଦେଶ ଉପରେ ହାଇକୋର୍ଟରୁ ରହିତାଦେଶ ଜାରି ହୋଇଛି। ଫଳରେ ଦୋକାନୀମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଆସନ୍ତା ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ରହିତାଦେଶ ଆସିଥିବା ଏମ୍‌କେସିଜି ରେଜିଷ୍ଟ୍ରାର୍‌ ସଂଗ୍ରାମ ପଣ୍ଡା ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ଔଷଧ ଦୋକାନ ଖାଲି କରିବା ପାଇଁ ଆବଶ୍ୟକ ତଥ୍ୟ କୋର୍ଟରେ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଜନସାଧାରଣଙ୍କୁ ମାଗଣାରେ ଔଷଧ ପ୍ରଦାନ ପାଇଁ ରାଜ୍ୟ ସରକାର ୨୦୧୫ରେ ନିରାମୟ ଯୋଜନା ଆରମ୍ଭ କରିଥିଲେ। ବ୍ରହ୍ମପୁର ବଡମେଡିକାଲରେ ମଧ୍ୟ ଏହି ଯୋଜନାରେ ମାଗଣା ଔଷଧ ଉପଲବ୍ଧ ହେଉଥିଲା। ଏହାପରେ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନା ପରିସରରେ କୌଣସି ଘରୋଇ ଔଷଧ ଦୋକାନ ରହିବ ନାହିଁ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଥିଲା। କିନ୍ତୁ ଔଷଧ ଦୋକାନ ମାଲିକଙ୍କ ପକ୍ଷରୁ ଏହା ବିରୋଧରେ ହାଇକୋର୍ଟରେ ପିଟିସନ ରୁଜୁ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଏହି ପିଟିସନର ଶୁଣାଣି ହୋଇଥିଲା। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ସ୍ୱାସ୍ଥ୍ୟ ବିଭାଗ ସପକ୍ଷରେ ରାୟ ଦେଇଥିଲେ। ଔଷଧ ଦୋକାନ ଖାଲି କରିବାକୁ କୋର୍ଟ ରାୟ ଦେବା ପରେ ସ୍ୱାସ୍ଥ୍ୟ ବିଭାଗ ଏ ନେଇ ଗତମାସରେ ଏମକେସିଜି କର୍ତ୍ତୃପକ୍ଷଙ୍କୁ ଚିଠି କରିଥିଲା। ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ଏହି ୩ ଦୋକାନୀଙ୍କୁ ଦୋକାନ ଖାଲି କରିବାକୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ପୁଣି ଦୋକାନୀଙ୍କ ତରଫରୁ ହାଇକୋର୍ଟରୁ ଏହି ରାୟ ଉପରେ ରହିତାଦେଶ ଅଣାଯାଇଛି।

# ବେଆଇନ ଘର ଦଖଲ ଅଭିଯୋଗ

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ):

ଟାଉନ ଥାନା ଅନ୍ତର୍ଗତ ପ୍ରେମନଗର ୭ମ ଲାଇନ (ଦ୍ୱିତୀୟ ଏକ୍ସଟନସନ)ରେ ଜୋରଜବରଦସ୍ତ ଜଣଙ୍କ ଘରଦଖଲ କରାଯାଇଥିବା ଅଭିଯୋଗ ହୋଇଛି। ଏମ.ଜୟପ୍ରକାଶ ରାଓଙ୍କ ଅଭିଯୋଗ ମୁତାବକ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଜୟପ୍ରକାଶ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ପି. ରାଜ ପ୍ରଭାକର ରାମ ତାଙ୍କର ଏକ ଘରକୁ ଦୋକାନ କରିବା ପାଇଁ ୯ ବର୍ଷ ପାଇଁ ଭଡା ବାବଦରେ ଚୁକ୍ତି କରି ନେଇଥିଲେ। ଅବଧି ପୂରଣର ୪୫ ମାସ ହୋଇଥିଲେ ବି ସେ ଘରକୁ ଜୋରଜବରଦସ୍ତ ଦଖଲରେ ରଖିଛନ୍ତି। ୪୫ ମାସର ଘରଭଡା ଦେଇନାହାନ୍ତି। ଘରଭଡା ବାବଦକୁ ପ୍ରାୟ ୭୫ ଲକ୍ଷ ଟଙ୍କା ହେଲାଣି। ଘରଭଡା ଦିଅ ନଚେତ ଘର ଛାଡ଼ ବୋଲି କହିଲେ ସେ ଗାଳିଗୁଲଜ କରୁଛନ୍ତି। ଘର ଛାଡିବା ବାବଦରେ ୩୦ ଲକ୍ଷ ଦାଦାବଟି ଦାବି କରୁଛନ୍ତି। ବାରମ୍ବାର ଟଙ୍କା ଦେବା ପାଇଁ ଚାପ ପକାଉଛନ୍ତି। ନ ଦେଲେ ହତ୍ୟା ଧମକ ଦେଉଛନ୍ତି। ତେଣୁ ଜୟ ପ୍ରକାଶ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ପୋଲିସ ନଂ. ୧୭୩/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବୁଦ୍ଧ ଜୟନ୍ତୀ ପାଳିତ

ବ୍ରହ୍ମପୁର/ ଛତ୍ରପୁର, ୨୩।୫(ସ୍ମୃତି ରଞ୍ଜନ ମହାଳିକ/ ଦିଲୀପ ସାମଲ)

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୁରୁବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ମଞ୍ଚ ପକ୍ଷରୁ ଗୋସାଣୀ ନୂଆଗାଁ ଥାନା ନିକଟସ୍ଥ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ ସହ ବୁଦ୍ଧଂ ଶରଣଂ ଗଚ୍ଛାମି ଗାନ କରିବା ସହ ଓ ବୁଦ୍ଧଙ୍କ ବାଣୀ ପାଠ କରାଯାଇଥିଲା। ମଞ୍ଚର ସଦସ୍ୟ ସମୀର କୁମାର ଆଚାର୍ଯ୍ୟ, ପଙ୍କଜ କୁମାର ନାୟକ ସମାଜରେ ସଂସ୍କାର ଆଣିବାରେ ବୁଦ୍ଧଙ୍କ ବାଣୀ ଅପରିହାର୍ଯ୍ୟ ବୋଲି କହିଥିଲେ। ଶିବ ପ୍ରସନ୍ନ ମିଶ୍ର ଓ ମୋହନ ଚରଣ ସ୍ୱାଇଁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଛତ୍ରପୁରରେ ଆଦର୍ଶ ଆମ୍ବେଦକର ବିକାଶ ମଞ୍ଚ ତରଫରୁ ସ୍ଥାନୀୟ ଲୋୟାର ବସଷ୍ଟାଣ୍ଡ ଠାରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ତଥା ବ୍ରହ୍ମପୁରର ଆଇନଜୀବୀ ଅବନୀ ଗୟା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୁଦ୍ଧଦେବଙ୍କ ଉପରେ ଆଲୋକପାତ କରିଥିଲେ। ଲୋୟାର ବସଷ୍ଟାଣ୍ଡ ଓ ଡିଆରଡିଏ ଛକ ଠାରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଆଦର୍ଶ ଆମ୍ବେଦକର ବିକାଶ ମଞ୍ଚର କାଳୁ ଚରଣ ନାୟକ, ଶ୍ରୀହରି ନାହାକ, ଜଗନ୍ନାଥ ଦାଶ, ମଧୁ ରାଓ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମାଜସେବୀ ଜଗନ୍ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ବେଳାଭୂମିରେ ସମୁଦ୍ର ଆଳତି

ଗୋପାଳପୁର,୨୩।୫(ନବୀନ ରାଜ ଆଚାରୀ): ଗୋପାଳପୁର ବେଳାଭୂମିରେ ଗୁରୁବାର ସନ୍ଧ୍ୟାରେ ପୁରୁଷୋତ୍ତମ ଜଗନ୍ନାଥ ଚେତନାଅଧିଷ୍ଠାନ ଏବଂ ଗୋପାଳପୁର ଜଗନ୍ନାଥ ପରିଚାଳନା କମିଟିର ମିଳିତରେ ବୈଶାଖ ପୂର୍ଣ୍ଣିମା ଅବସରରେ ୧୧୪ ତମ ସମୁଦ୍ର ଆଳତି ଅନୁଷ୍ଠିତ ହୋଇଯାଇଛି । ସାଗର ଆଳତି ସହ ନଗର କୀର୍ତ୍ତନ, ଆଧ୍ୟାତ୍ମିକ ସଭା ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ପୁରୁଷୋତ୍ତମ ଜଗନ୍ନାଥ ଚେତନା ଅଧିଷ୍ଠାନର ସଭାପତି ପଦ୍ମ ଚରଣ ଦାଶ, ସମାଜସେବୀ ପଞ୍ଚୁ ବେହେରା, ବତୀଘର ଅଧିକାରୀ ଏସ. କେ ପାଢ଼ୀ, ବିନୋଦ ଦାଶ, ଗାଣ୍ଡୁ ଚରଣ ପାତ୍ର, ବାପୁଜୀ ଅଧିକାରୀ, ସୂର୍ଯ୍ୟ ପାତ୍ରଙ୍କ ସମେତ ବହୁ ଭକ୍ତ ଓ ପର୍ଯ୍ୟଟକ ଉପସ୍ଥିତ ଥିଲେ।

# ଡାକ୍ତରୀ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ):ବ୍ରହ୍ମପୁରସ୍ଥିତ ମହରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ଡାକ୍ତରୀ ଛାତ୍ର ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସର୍ଜରୀ ବିଭାଗ ପିଜି ପ୍ରଥମ ବର୍ଷରେ ପଢୁଥିବା ମହାରାଷ୍ଟ୍ରର ଏହି ଛାତ୍ର ଜଣଙ୍କ ନିଜ ଶରୀରକୁ କୌଣସି ଏକ ଧାରୁଆ ଅସ୍ତ୍ରରେ କାଟିଛନ୍ତି। ତାଙ୍କ ବେକ ଓ ଜଙ୍ଘରେ ଗଭୀର ଆଘାତ ଲାଗିଥିବାରୁ ପ୍ରଥମେ କାଜୁଆଲିଟି ଓ ପରେ ସର୍ଜରୀ ବିଭାଗରେ ଚିକିତ୍ସା କରାଯାଇଛି । ତେବେ କେଉଁ କାରଣରୁ ସେ ନିଜେ ନିଜ ଶରୀରକୁ କାଟିଲେ ତାହା ସ୍ପଷ୍ଟ ହୋଇନାହିଁ । ଘଟଣାକୁ ନେଇ ଏମ୍‌କେସିଜି ପକ୍ଷରୁ ସଂପୃକ୍ତ ଡାକ୍ତରୀ ଛାତ୍ରଙ୍କ ପରିବାର ଓ ପୋଲିସକୁ ଖବର ଦିଆଯାଇଛି ।

# ଅସ୍ଥାୟୀ ପୀଠକୁ ବିଜେକଲେ ମା' ବୁଢ଼ୀ ଠାକୁରାଣୀ

ପାଟପୁର,୨୩।୫(ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଚୁଡ଼ଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ପଳାସପୁର ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ୨୧ ଦିନିଆ ଯାତ୍ରା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ସନ୍ଧ୍ୟାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇ ଠାକୁରାଣୀଙ୍କୁ ଆବାହନ କରାଯାଇଥିଲା। ମା'ଙ୍କ ଆଜ୍ଞାମାଳ ପହଞ୍ଚିଲା ପରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ଢୋଲ, ମହୁରୀ, ଘଣ୍ଟ, ମୃଦଙ୍ଗ, ତାଳରେ ମା'ଙ୍କ ଘଟ ପରିକ୍ରମା କରାଇ ଅସ୍ଥାୟୀ ମନ୍ଦିରରେ ଅବସ୍ଥାନ କରିଥିଲେ। ପ୍ରତି ଦୁଇ ବର୍ଷରେ ପଳାସପୁର ଗ୍ରାମରେ ଠାକୁରାଣୀ ଯାତ୍ରାର ଆୟୋଜନ କରାଯାଇଥାଏ। ମେ' ୨୨ ତାରିଖଠାରୁ ଯାତ୍ରା ଆରମ୍ଭ ହୋଇ ଜୁନ ୧୧ ତାରିଖରେ ସମାପନ କରାଯିବ ବୋଲି କମିଟି ସଭାପତି ଜଗନ୍ନାଥ ପାଣିଗ୍ରାହୀ କହିଛନ୍ତି। ଯାତ୍ରାର ଶେଷ ସାତ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ।



